# NATIONAL NEWS BULLETIN (ODIA)

## 08th September - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଭାରତକୁ ଜ୍ଞାନ ଏବଂ ବିଶ୍ୱ ବାଣିଜ୍ୟର ପ୍ରମୁଖ କେନ୍ଦ୍ରରେ ପରିଣତ କରିବା ଲାଗି ଆହ୍ୱାନ ଦେଲେ ରାଷ୍ଟ୍ରପତି ।

- ଉପରାଷ୍ଟ୍ରପତି ପଦପାଇଁ ଆସନ୍ତାକାଲି ଅନୁଷ୍ଠିତ ହେବ ନିର୍ବାଚନ ।

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ବନ୍ୟା ପ୍ରଭାବିତ ପଞ୍ଜାବ ଗସ୍ତ କରି ସାମ୍ପ୍ରତିକ ପରିସ୍ଥିତିର କରିବେ ସମୀକ୍ଷା ।

- ଭାରତ ଓ ଇସ୍ରାଏଲ୍ ମଧ୍ୟରେ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମା ସ୍ୱାକ୍ଷରିତ ।

ଏବଂ

- ମହିଳା ହକି ଏସିଆ କପ୍-୨୦୨୫ର ସୁପର ଫୋର୍ ପର୍ଯ୍ୟାୟକୁ ଉନ୍ନୀତ ହେଲା ଭାରତ ।

## ପ୍ରେଜ୍ - ଇ.ଇ.ପି.ସି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତକୁ ଜ୍ଞାନ ଏବଂ ବିଶ୍ୱ ବାଣିଜ୍ୟର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ଲାଗି ନାଗରିକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ ଇଞ୍ଜିନିୟରିଂ ରପ୍ତାନୀ ବିକାଶ ପରିଷଦ - ଇ.ଇ.ପି.ସି.ର ପ୍ଲାଟିନମ୍ ଜୁବିଲି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ଭାରତର ଅର୍ଥନୀତିକୁ ଅଧିକ ଆତ୍ମନିର୍ଭରଶୀଳ ଏବଂ ରପ୍ତାନୀ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, କୋଭିଡ୍ ମହାମାରୀ ସମୟରେ ଆତ୍ମନିର୍ଭର ଭାରତପାଇଁ ଯେଉଁ ମୂଳଦୁଆ ସ୍ଥାପିତ ହୋଇଥିଲା, ତାହା ନିରନ୍ତର ଭାବେ ସୁଫଳ ପ୍ରଦାନ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

***Voice (Prez-Covid)*** :.........

ରାଷ୍ଟ୍ରପତି କହିଛନ୍ତି, ଭାରତ ଅଧିକରୁ ଅଧିକ ଆତ୍ମନିର୍ଭର ହେଉ, ଯାହାଫଳରେ ଏହାର ଅର୍ଥବ୍ୟବସ୍ଥା ଉପରେ ବିଶ୍ୱ ଅସ୍ଥିରତାର କୌଣସି ପ୍ରଭାବ ପଡ଼ିବ ନାହିଁ । ଏତଦ୍‌ବ୍ୟତୀତ ରାଷ୍ଟ୍ରପତି କହିଛନ୍ତି, ଆମ ଅର୍ଥବ୍ୟବସ୍ଥାରେ ଏମ୍.ଏସ୍.ଏମ୍.ଇ.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଇ.ଇ.ପି.ସି.ଦ୍ୱାରା ଏମ୍.ଏସ୍.ଏମ୍.ଇ. ପ୍ରସ୍ତୁତ ସାମଗ୍ରୀର ରପ୍ତାନୀ କ୍ଷେତ୍ରରେ ବଦଳୁଥିବା ପରିସ୍ଥିତି ଅନୁଯାୟୀ ଏହି କ୍ଷେତ୍ରକୁ ନୂଆ ଶକ୍ତି ପ୍ରଦାନ କରିବ ।

# ଗୋୟଲ୍ - ସ୍ୱଦେଶୀ

ବ୍ୟବସାୟ ପ୍ରତିଷ୍ଠାନଗୁଡିକ ସ୍ୱଦେଶୀ ଉତ୍ପାଦ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀରେ ୫୬ତମ ଇ.ଇ.ପି.ସି. ଇଣ୍ଡିଆ ଜାତୀୟ ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଇ ଶ୍ରୀ ଗୋୟଲ୍ କହିଛନ୍ତି, ବିଶ୍ୱ ପରିସ୍ଥିତିରେ ସୃଷ୍ଟି ହେଉଥିବା ଆହ୍ୱାନ ସତ୍ତ୍ୱେ ଭାରତ ଏକ ରାଷ୍ଟ୍ରଭାବେ ଐକ୍ୟବଦ୍ଧ ରହିଛି । ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବସୃଜନକୁ ଗୁରୁତ୍ୱ ଦେଇ ସ୍ୱଦେଶୀ ଉତ୍ପାଦପାଇଁ ଆହ୍ୱାନ ଦେଇଥିଲେ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି ।

***Voice (Goyal_ :........***

ସେ କହିଛନ୍ତି, ଦେଶର ୧ ଦଶମିକ ୪ ବିଲିୟନ୍ ଲୋକ ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ଭାରତରେ ନିର୍ମିତ ଉତ୍ପାଦକୁ ପ୍ରାଥମିକତା ଦେବା ଉଚିତ । ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ଜି.ଏସ୍.ଟି. ହାର ହ୍ରାସ ଏବଂ ସରଳୀକରଣ ସହ ଘରୋଇ ଚାହିଦା ବୃଦ୍ଧି ପାଇଛି ବୋଲି ଶ୍ରୀ ଗୋୟଲ କହିଛନ୍ତି ।

# ଭି.ପି. - ଇଲେକ୍ସନ୍

ଉପରାଷ୍ଟ୍ରପତି ପଦ ପାଇଁ ଆସନ୍ତାକାଲି ନିର୍ବାଚନ ଅନୁଷ୍ଠିତ ହେବ । ଏହି ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ - ଏନ୍.ଡି.ଏ. ପ୍ରାର୍ଥୀ ତଥା ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଓ ଇଣ୍ଡି ମେଣ୍ଟ ପ୍ରାର୍ଥୀ ତଥା ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଉପରାଷ୍ଟ୍ରପତି ସଂସଦର ଉଭୟ ଗୃହର ସଦସ୍ୟଙ୍କୁ ନେଇ ଗଠିତ ଏକ ଇଲୋକ୍ଟୋରାଲ୍ କଲେଜଦ୍ୱାରା ନିର୍ବାଚିତ ହୋଇଥାନ୍ତି । ସେ ଏକକ ସ୍ଥାନାନ୍ତରଣୀୟ ଭୋଟ୍ ମାଧ୍ୟମରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାଦ୍ୱାରା ନିର୍ବାଚିତ ହୁଅନ୍ତି ଏବଂ ଏହି ନିର୍ବାଚନରେ ଭୋଟ୍ ଏକ ଗୁପ୍ତ ମତଦାନଦ୍ୱାରା ଅନୁଷ୍ଠିତ ହୋଇଥାଏ । ବର୍ତ୍ତମାନ ଲୋକସଭାରେ ୫୪୨ ଏବଂ ରାଜ୍ୟସଭାରେ ୨୩୯ ସଦସ୍ୟ ରହିଛନ୍ତି । ଚଳିତ ଥର ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟର୍ ସଂଖ୍ୟା ୭୮୧ ହୋଇଥିବାବେଳେ ବହୁମତ ଅଙ୍କ ୩୯୧ । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଗତ ଜୁଲାଇ ମାସରେ ଜଗଜୀପ ଧନଖଡ଼ଙ୍କ ଇସ୍ତଫା ଯୋଗୁଁ ଏହି ନିର୍ବାଚନ ଅନୁଷ୍ଠିତ ହେଉଛି ।

# ପଞ୍ଜାବ ଫ୍ଲଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ବନ୍ୟା ପ୍ରଭାବିତ ପଞ୍ଜାବ ଗସ୍ତକରି ସାମ୍ପ୍ରତିକ ପରିସ୍ଥିତିର ସମୀକ୍ଷା କରିବେ । ଏ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଆୟୋଜିତ ହେବାର ସମ୍ଭାବନା ରହିଛି । ପଞ୍ଜାବ ସରକାର ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ବନ୍ୟା ପ୍ରଭାବିତ ରାଜ୍ୟପାଇଁ ୨୦ ହଜାର କୋଟି ଟଙ୍କାର ରିଲିଫ୍ ପ୍ୟାକେଜ୍ ଘୋଷଣା କରିବାକୁ ଅନୁରୋଧ କରିଛନ୍ତି । ଇତିମଧ୍ୟରେ ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି । ସେ କହିଛନ୍ତି, ପଞ୍ଜାବ ମୁଖ୍ୟ ଶାସନ ସଚିବଙ୍କଦ୍ୱାରା କ୍ଷୟକ୍ଷତି ରିପୋର୍ଟ ଦାଖଲ ପରେ କେନ୍ଦ୍ର ସରକାର ପାଣ୍ଠି ପ୍ରଦାନ କରିବେ । ତେବେ ଇତିମଧ୍ୟରେ ରାଜ୍ୟରେ ବନ୍ୟା ପରିସ୍ଥିତି କ୍ରମଶଃ ନିୟନ୍ତ୍ରଣକୁ ଆସୁଛି । ଭାକ୍ରା ଏବଂ ପଙ୍ଗ ଡ୍ୟାମ୍‌ରୁ ନିୟନ୍ତ୍ରିତ ଅତିରିକ୍ତ ଜଳ ଛଡ଼ାଯିବା କିଛି ପରିମାଣରେ ସମସ୍ୟାକୁ ବୃଦ୍ଧି କରୁଛି; କିନ୍ତୁ ବର୍ତ୍ତମାନ ଜଳ ପରିମାଣ ହ୍ରାସ ପାଇଛି ।  ଆଗାମୀ ଦିନରେ ପ୍ରବଳ ବର୍ଷାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ ପରେ ଲୋକମାନେ ଆଶ୍ୱସ୍ତି ପାଇଛନ୍ତି । ଇତିମଧ୍ୟରେ ମୃତକଙ୍କ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି । ରାଜ୍ୟର ୨ ହଜାର ୫୦ ଗ୍ରାମରୁ ୩ ଲକ୍ଷ ୮୭ ହଜାରରୁ ଅଧିକ ଲୋକଙ୍କୁ ସିଧାସଳଖ ବିସ୍ଥାପିତ କରାଯାଇଛି ଓ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ଲୋକ, ଏନ୍.ଜି.ଓ. ଏବଂ ଭାରତୀୟ ସେନା,

ବି.ଏସ୍.ଏଫ୍. ଓ ଏନ୍.ଡି.ଆର୍.ଏଫ୍.ର ବିଶେଷଜ୍ଞ ଦଳ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

## ଇଣ୍ଡିଆ - ଇସ୍ରାଏଲ୍

ଭାରତ ଏବଂ ଇସ୍ରାଏଲ୍ ଆଜି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ତାଙ୍କ ଇସ୍ରାଏଲ୍ ପ୍ରତିପକ୍ଷ ବେଜାଲେଲ୍ ସ୍ମୋଟ୍ରିଚ୍ଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ଅର୍ଥନୈତିକ ସମ୍ପର୍କ ଅଭିବୃଦ୍ଧି ଏବଂ ଇସ୍ରାଏଲ ରପ୍ତାନୀକାରୀଙ୍କପାଇଁ ଆର୍ଥିକ ମାର୍ଗଦର୍ଶିକା ଅନୁସନ୍ଧାନର ଲକ୍ଷ୍ୟ ରଖିଛି ।

## ଏସ୍.ସି. - ବିହାର ଏସ୍.ଆଇ.ଆର୍ ଆଧାର

ସୁପ୍ରିମ୍‌କୋର୍ଟ ନିର୍ବାଚନ ଆୟୋଗଙ୍କୁ ଆଧାର କାର୍ଡ଼କୁ ଦ୍ୱାଦଶ ଦସ୍ତାବିଜ୍ ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକୁ ବିହାର ସଂଶୋଧିତ ଭୋଟର୍ ତାଲିକାରେ ଅନ୍ତର୍ଭୁକ୍ତ କରିବାପାଇଁ ପରିଚୟ ପ୍ରମାଣ ଭାବେ

ଉପସ୍ଥାପନ କରାଯାଇପାରିବ । ତେବେ ଆଧାର ନାଗରିକତାର ପ୍ରମାଣ ନୁହେଁ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । କୋର୍ଟ କହିଛନ୍ତି, ନିର୍ବାଚନ ଆୟୋଗର ଅଧିକାରୀମାନେ ଭୋଟର୍‌ମାନଙ୍କଦ୍ୱାରା ପ୍ରସ୍ତୁତ ଆଧାର କାର୍ଡ଼ର ପ୍ରାମାଣିକତା ଏବଂ ବାସ୍ତବତା ଯାଞ୍ଚ୍ କରିବାପାଇଁ ହକ୍‌ଦାର ରହିବେ । ଆର୍.ଜେ.ଡି. ଏବଂ ଅନ୍ୟ ଆବେଦନକାରୀମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ସିଂହ - ଏନ୍.ସି.ଏସ୍. ଆଡ୍ରେସ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀର ନୌସେନା ଶିଶୁ ବିଦ୍ୟାଳୟ - ଏନ୍.ସି.ଏସ୍.ର ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ ସ୍ଥିର କରି ସ୍ୱପ୍ନ ଦେଖିବା, ଆନ୍ତରିକତାର ସହ ଲକ୍ଷ୍ୟ ହାସଲ କରିବା ଏବଂ ସେମାନଙ୍କ ପ୍ରୟାସରେ ଜାତୀୟ ଗର୍ବର ଦୃଢ଼ଭାବନା ବଜାୟ ରଖିବାକୁ ଉତ୍ସାହିତ କରିଛନ୍ତି । ଏନ୍.ସି.ଏସ୍.ର ହୀରକ ଜୟନ୍ତୀ ପାଳନ ଅବସରରେ ଆଜି ସେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟକ୍ଷକଙ୍କ ସହ ଆଲୋଚନା କରିବା ସମୟରେ ଏହା କହିଛନ୍ତି ।  ଶୃଙ୍ଖଳା, ସେବା ଏବଂ ଦେଶପ୍ରେମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ

ଚରିତ୍ର ଏବଂ ଆକାଂକ୍ଷା ଗଠନରେ ଏନ୍.ସି.ଏସ୍.ର ଭୂମିକା ଉପରେ ଶ୍ରୀ ସିଂହ ଆଲୋକପାତ କରିଥିଲେ ।

## ପି.ଏମ୍. - ୱାର୍କସପ୍

ସଂସଦ ଭବନ ପରିସରରେ ଥିବା ବାଲ୍‌ଯୋଗୀ ଅଡିଟୋରିୟମ୍‌ରେ ବି.ଜେ.ପି. ଏବଂ ଏନ୍.ଡି.ଏ. ସାଂସଦମାନଙ୍କର ଦୁଇଦିନିଆ କର୍ମଶାଳା ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କର୍ମଶାଳାରେ ଉପସ୍ଥିତ ଅଛନ୍ତି । ଆଜି ଏହାର ଉଦ୍‌ଯାପନୀ ଅଧିବେଶନକୁ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିବେ । ଅଧିବେଶନ ସମୟରେ ବରିଷ୍ଠ ବି.ଜେ.ପି. ନେତା ଏବଂ ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ନିଜ ନିଜର ମୂଲ୍ୟବାନ ଦୃଷ୍ଟିକୋଣ ଆଦାନ ପ୍ରଦାନ କରୁଛନ୍ତି ।

## ଜେ.କେ. - ୨ ଟେରରିଷ୍ଟ କିଲ୍‌ଡ୍

ଜମ୍ମୁ-କାଶ୍ମୀରର ଦକ୍ଷିଣ କାଶ୍ମୀର ସ୍ଥିତ କୁଲ୍‌ଗାଓଁ ଜିଲ୍ଲାର ଗୁଦ୍ଦାର ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ଏବଂ ସେନା ମଧ୍ୟରେ ଗୁଳି ବିନିମୟ ଘଟଣାରେ

ନିହତ ଆତଙ୍କବାଦୀଙ୍କ ସଂଖ୍ୟା ୨ରେ ପହଞ୍ଚିଛି । ଏହି ଅପରେସନ୍‌ରେ ସେନାର ଜଣେ ଜୁନିୟର୍ କମିଶନଡ୍ ଅଫିସର - ଜେ.ସି.ଓ. ଆହତ ହୋଇଥିବା ନେଇ ସେନା ମୁଖପାତ୍ର ସୂଚନା ଦେଇଛନ୍ତି । ପୂର୍ବରୁ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଆଜି ସକାଳେ ଗୁଦ୍ଦାର ଜଙ୍ଗଲ ଅଞ୍ଚଳରେ ସେନା, ସି.ଆର୍.ପି.ଏଫ୍. ଏବଂ ଜମ୍ମୁ-କାଶ୍ମୀର ପୁଲିସ୍ ପକ୍ଷରୁ ମିଳିତ ଘେରାବନ୍ଦି ଓ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ସେନା କର୍ମଚାରୀମାନେ ସନ୍ଦିଗ୍ଧ ସ୍ଥାନରେ ପହଞ୍ଚିବାମାତ୍ରେ ଲୁଚି ରହିଥିବା ଆତଙ୍କବାଦୀମାନେ ଅଚାନକ ଗୁଳି ଚଳାଇଥିଲେ । ପରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା ।

## ନେପାଳ ପ୍ରୋଟେଷ୍ଟ

ନେପାଳରେ ପ୍ରମୁଖ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ସରକାରଙ୍କ ନିଷେଧାଦେଶ ଜାରି ଯୋଗୁଁ ସୃଷ୍ଟ ହିଂସାତ୍ମକ୍ ପ୍ରତିବାଦ ସମୟରେ ପୁଲିସ୍ ଗୁଳିଚାଳନାରେ ୧୪ ଜଣଙ୍କର ମୃତ୍ୟୁ ଘଟିବା ସହ ୧୦୦ରୁ ଅଧିକ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଅଧ୍ୟକ୍ଷତାରେ କାଠମାଣ୍ଡୁସ୍ଥିତ ତାଙ୍କ ବାସଭବନରେ ମନ୍ତ୍ରୀ ପରିଷଦ ଏବଂ ଜାତୀୟ ସୁରକ୍ଷା ପରିଷଦର ଏକ ଜରୁରୀକାଳୀନ ବୈଠକ ଜାରି ରହିଛି । । କାଠମାଣ୍ଡୁ ଜିଲ୍ଲା

ପ୍ରଶାସନ କାର୍ଯ୍ୟାଳୟ ବାଣେଶ୍ୱର, ଟିଙ୍କୁନ୍ ସମେତ ରାଜଧାନୀର ପ୍ରମୁଖ ଅଞ୍ଚଳ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଓ ସିଂହଦୁର୍ବାର ପରି ସରକାରୀ ପ୍ରତିଷ୍ଠାନ ପରିସରରେ ଅପରାହ୍ଣ ସାଢ଼େ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିଛି । ଗତ ୪ ତାରିଖରୁ ଲାଗୁ ହୋଇଥିବା ଅଣପଞ୍ଜିକୃତ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ଦେଶବ୍ୟାପୀ ପ୍ରତିବନ୍ଧକ ଯୋଗୁଁ ଏହି ପ୍ରତିବାଦ ଆରମ୍ଭ ହୋଇଥିଲା ।

## ଏସିଆ କପ୍ - ଇଣ୍ଡିଆ ଓ୍ୱମେନ୍ ହକି

ଭାରତୀୟ ହକିଦଳ ଆଜି ସିଙ୍ଗାପୁର ବିପକ୍ଷରେ ୧୨-୦ ଗୋଲ୍‌ରେ ବିଜୟ ହାସଲ କରି ମହିଳା ଏସିଆ କପ୍-୨୦୨୫ର ସୁପର୍ ଫୋର୍ ପର୍ଯ୍ୟାୟପାଇଁ ଯୋଗ୍ୟତା ଅର୍ଜନ କରିଛି । ନବନୀତ୍ ଓ ମୁମ୍‌ତାଜଙ୍କ ହ୍ୟାଟ୍ରିକ୍ ଭାରତକୁ ବିଜୟୀ କରିବାରେ ସହାୟକ ହୋଇଥିଲା । ଆସନ୍ତା ବୁଧବାର ଦିନ ସୁପର ଫୋର୍ ପର୍ଯ୍ୟାୟରେ ଭାରତ ପୁଲ୍-ଏ'ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ସହିତ ଖେଳିବ ।

*****